**୧୩ ପଜିଟିଭ୍ ଚିହ୍ନଟ**

**ଅନୁଗୋଳ ଅଫିସ:** ଅନୁଗୋଳ ଜିଲାରୁ ରବିବାର ୧୩ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ସଂକ୍ରମିତଙ୍କ ସଂଖ୍ୟା ୪୪ ହଜାର ୧୩୨ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ତାଳଚେର ବ୍ଲକରୁ ୪, ଛେଣ୍ଡିପଦା ବ୍ଲକରୁ ୩, କିଶୋରନଗର ବ୍ଲକରୁ ୩, ଅନୁଗୋଳ ବ୍ଲକରୁ ୨ ଏବଂ କଣିହାଁ ବ୍ଲକରୁ ଜଣେ ରହିଛନ୍ତି। ସେହିପରି ଜିଲାରୁ ୧୯ ଆକ୍ରାନ୍ତ ସୁସ୍ଥ ହୋଇଥିବାବେଳେ କରୋନାରେ ୨ଜଣଙ୍କ ମୃତ୍ୟୁ ଘଟିଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ସଂକ୍ଷେପରେ

### ଚାଷୀ ନେତାଙ୍କୁ ପଥରମାଡ଼

**ବଇଣ୍ଡା, ୫।୯(ଡି.ଏନ୍.ଏ.):** ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ଡୁମୁରିସିଙ୍ଗା ଚଷାପୁଞ୍ଜ ସଭାପତି ତଥା ଭଗାମୁଣ୍ଡା ଗ୍ରାମର ପ୍ରଦୀପ ବିଶ୍ୱାଳଙ୍କୁ ପଥରମାଡ଼ କରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ସେ ଶିଶୁକଟା ଗ୍ରାମର ରମେଶ ସାହୁ, ସାପଘରା ଗ୍ରାମର ନଗେଶ ନାୟକ, ମହେନ୍ଦ୍ର ନାୟକ, ସରୋଜ ନାୟକଙ୍କ ନାମରେ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୨୧୯/୨୧ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ରମେଶ ଚଷାପୁଞ୍ଜରୁ ୧୦ ହଜାର ଟଙ୍କା ଧାର ନେଇଥିଲେ। ତାଙ୍କୁ ବକେୟା ଟଙ୍କା ମଗାଯାଇଥିବାବେଳେ ସେ ବୈଠକରେ ଛାଡ଼ି ଚାଲିଯାଇଥିଲେ। ସାପଘରା ପଞ୍ଚାୟତ ଗୃହରେ ପ୍ରଦୀପ ବସିଥିବାବେଳେ ରମେଶ ଏବଂ ତାଙ୍କ ସହଯୋଗୀ ନଗେଶ, ମହେନ୍ଦ୍ର, ସରୋଜ ପହଞ୍ଚି ପଥରମାଡ଼ କରିଥିବା ଅଭିଯୋଗରେ ଉଲ୍ଲେଖ ରହିଛି।

### ହାଇୱା ଧକ୍କାରେ ସ୍କୁଟି ଆରୋହୀ ମୃତ

**ବଇଣ୍ଡା, ୫।୯(ଡି.ଏନ୍.ଏ.):** ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ଅନ୍ତର୍ଗତ ନବଦୀପପୁର ଗ୍ରାମରେ ରବିବାର ବାଲି ବୋଝେଇ ହାଇୱା (ନଂ. ଓଡ଼ି୧୯ ଯେ ୩୮୨୧) ଧକ୍କାରେ କିଶୋରନଗର ଥାନା ବାଟିମୁଣ୍ଡା ଗ୍ରାମର ସ୍କୁଟି (ନଂ. ଓଡ଼ି ୧୯ ଟି ୬୫୬୧) ଆରୋହୀ ପ୍ରୀତିସୁମନ ନାୟକଙ୍କ ମୃତ୍ୟୁ ଘଟିଛି। ଏଥିରେ ତାଙ୍କ ଭଉଣୀ ଗୁରୁତର ହୋଇଛନ୍ତି। ପ୍ରୀତିସୁମନ ଏବଂ ତାଙ୍କ ଭଉଣୀ ଠାକୁରଗଡରୁ ବାଟିମୁଣ୍ଡା ଯାଉଥିବା ବେଳେ ପଛରୁ ଉକ୍ତ ହାଇୱା ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ଉଭୟଙ୍କୁ ଆଠମଲ୍ଲିକ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରୀତିସୁମନଙ୍କ ମୃତ୍ୟୁ ଘଟିଥିବା ଉପଖଣ୍ଡ ସ୍ୱାସ୍ଥ୍ୟାଧିକାରୀ ସୁନୀଲ ପଣ୍ଡା ସୂଚନା ଦେଇଛନ୍ତି। ପୋଲିସ ଉଭୟ ଗାଡ଼ି ଜବତ କରି ତଦନ୍ତ ଚଳାଇଛି।

### ଟ୍ରକ୍ ଓଭରଟେକିଂକୁ ନେଇ ଗଣ୍ଡଗୋଳ

**ବଇଣ୍ଡା, ୫।୯(ଡି.ଏନ୍.ଏ.):** କିଶୋରନଗର ବ୍ଲକ ହଣ୍ଡପା ଥାନା ବଡ଼ଡଙ୍ଗିଆଣି ଗ୍ରାମରେ ଟ୍ରକ୍ ଓଭରଟେକିଂକୁ ନେଇ ୨ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଛି। ପୋଲିସ ୨ ପୃଥକ୍ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ବଡ଼ଡଙ୍ଗିଆଣି ଗ୍ରାମର ନବାସୀ ଠେଲାଙ୍କ ପୁଅ ତଥା ଟ୍ରକ୍ ଚାଳକ ହିମାଂଶୁଙ୍କୁ ରଘୁନାଥପୁର ଗ୍ରାମର କ୍ଷୀରୋଦ ପ୍ରଧାନ ଏବଂ ତାଙ୍କର ୬ ସହଯୋଗୀ ମିଶି ମାଡ଼ ମାରିଥିବା ଅଭିଯୋଗରେ ଦର୍ଶାଯାଇଛି। ସେହିପରି କ୍ଷୀରୋଦଙ୍କ ସମ୍ପର୍କୀୟ ତପନ ପାତ୍ର ଅଭିଯୋଗ କରିଛନ୍ତି, ସେ ସହଯୋଗୀଙ୍କ ବାଇକ୍‌ରେ ବାମୁର ଯାଉଥିବାବେଳେ ଟ୍ରକ୍ ଚାଳକ ହିମାଂଶୁ ତାଙ୍କୁ ଓଭରଟେକ୍ କରିଥିଲେ। ପ୍ରତିବାଦ କରିବାକୁ ହିମାଂଶୁ ଏବଂ ତାଙ୍କ ସହଯୋଗୀ ଦୀପୁ, ବାଲିଆ ପ୍ରମୁଖ ଲୁହାରଡ଼୍‌ରେ ଆକ୍ରମଣ କରିଥିଲେ।

### ୧୧ ଆକ୍ରାନ୍ତ, ୮ ସୁସ୍ଥ

**ଢେଙ୍କାନାଳ ଅଫିସ, ୫।୯:** ଢେଙ୍କାନାଳ ଜିଲାରୁ ରବିବାର ୧୧ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ୮ ଜଣ ସୁସ୍ଥ ହୋଇଛନ୍ତି। ସଂକ୍ରମିତଙ୍କ ମଧ୍ୟରେ ଢେଙ୍କାନାଳ ପୌରାଞ୍ଚଳର ୩, ସଦର ବ୍ଲକର ୩, ହିନ୍ଦୋଳ ବ୍ଲକର ୨, କଙ୍କଡ଼ାହାଡ଼ ବ୍ଲକର ୧, ଭୁବନ ବ୍ଲକର ୧ ଏବଂ ଅନ୍ୟ ଚିକିତ୍ସାଳୟରୁ ଜଣେ ରହିଛନ୍ତି। ଜିଲାରେ ୧୭୩ ସକ୍ରିୟ ମାମଲା ଏବଂ କୋଭିଡ୍‌ଜନିତ ମୃତ୍ୟୁ ସଂଖ୍ୟା ୨୩୯ ଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ପୋଖରୀ, ମନ୍ଦିର ସଫେଇ

**ଅନୁଗୋଳ ଅଫିସ,୫।୯:** ଅନୁଗୋଳ ସହର ଉପକଣ୍ଠ ରନ୍ତଲେଇ ଗ୍ରାମରେ ଥିବା ପୋଖରୀ ଓ ମନ୍ଦିର ପରିସର କୃଷକ ସାହି ଓ ଗଜଲକ୍ଷ୍ମୀ କ୍ଲବର ସଦସ୍ୟ ସଫେଇ କରିଛନ୍ତି। କୃଷକ ସାହିର ସମ୍ପାଦକ ଓ ଗଜଲକ୍ଷ୍ମୀ କ୍ଲବର ସମ୍ପାଦକ ବାବୁଲା ବିଶ୍ୱାଳଙ୍କ ନେତୃତ୍ୱରେ ନୂଆବନ୍ଧ ପୋଖରୀ ଏବଂ ଶନିମନ୍ଦିର ପରିସର ସଫା କରାଯାଇଥିଲା। କୃଷକ ସାହିର ଉପସଭାପତି ଭଜମନ ସାହୁ, ଗଜଲକ୍ଷ୍ମୀ କ୍ଲବର ଉପସଭାପତି କହ୍ନେଇ ଦାସ, ଚୈତନ୍ୟ ବାରିକ, ଲକ୍ଷ୍ମଣ ସାହୁ, କିଶୋର ସାହୁ, ପାପୁନ୍ ସାହୁ, ନରେନ୍ଦ୍ର ସାହୁ, କୈବଲ୍ୟ ବିଶ୍ୱାଳ, ଟୁନା ବିଶ୍ୱାଳ, ଲୁଲୁ ବିଶ୍ୱାଳ, କନ୍ଦର୍ପ ସାହୁ, ଧୁବେଇ ସାହୁ, ଶ୍ରୀକାନ୍ତ ବାରିକ, ବାଜପେୟୀ ବିଶ୍ୱାଳ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।



# ପାର୍ବଣ ଉତ୍ସାହ ଫିକା

- ପୂଜାରୁ ଓହରିଲେ ୭ କ୍ଲବ
- କଟକଣାକୁ ସମ୍ମାନ ଦେବେ
- ହେବନାହିଁ ମିଳିତ ଭସାଣି

**ଭୁବନ, ୫।୯(ବିପିନ ବିହାରୀ ସେଠୀ)**

*ବିଦ୍ୟାଦାତା ଶ୍ରୀଗଣେଶଙ୍କ ଆବାହନ ସହ ଆରମ୍ଭ ହେବ ପାର୍ବଣ। ଦୁଇବର୍ଷ ହେଲା କରୋନା ମହାମାରୀ ଆତଙ୍କ ଯୋଗୁ ପର୍ବପର୍ବାଣି ଠିକ୍ ଢଙ୍ଗରେ ହୋଇପାରି ନ ଥିବା ବେଳେ ଚଳିତ ବର୍ଷ ଜାକ୍‌ଜମକର ସହ ପୂଜା କରିବାକୁ ଯୋଜନା କରିଥିଲେ ପୂଜାକମିଟି। ହେଲେ ସମ୍ଭାବ୍ୟ ତୃତୀୟ ଲହର ଆଶଙ୍କା ଏଡ଼ାଇବା ଲାଗି ରାଜ୍ୟ ସରକାର ବିପଦ ମୁଣ୍ଡାଇବାକୁ ଚାହୁଁନାହାନ୍ତି। ତେଣୁ ଚଳିତବର୍ଷ କୋଭିଡ୍ ଗାଇଡ୍‌ଲାଇନ୍ ଅନୁଯାୟୀ ମହୋତ୍ସବ ପାଳନ କରିବାକୁ ଜାରି ହୋଇଛି କଡ଼ା ନିର୍ଦ୍ଦେଶ। ସାଂସ୍କୃତିକ କାର୍ଯ୍ୟକ୍ରମ, ସାଜସଜ୍ଜା ବିନା ପାର୍ବଣ ଫିକା ପଡ଼ିବ ବୋଲି କହିଛନ୍ତି ଭୁବନ ଅଞ୍ଚଳର ପ୍ରମୁଖ ପୂଜା କମିଟିର କର୍ମକର୍ତ୍ତା।*

ପ୍ରତିଯୋଗିତାମୂଳକ ଗଣେଶ ପୂଜା ପାଇଁ ସୁନାମ ଅର୍ଜିଛି ଢେଙ୍କାନାଳ ଜିଲାର ଭୁବନ ସହର। ପ୍ରତିବର୍ଷ ଜାକ୍‌ଜମକର ସହ ଏଠାରେ ଗଜାନନଙ୍କ ଆବାହନ କରାଯାଏ। ହେଲେ ଦୁଇବର୍ଷ ହେଲା କରୋନା ଏହି ଖୁସିରେ ଭଙ୍ଗା ପକାଇ ଦେଇଛି। ସଂକ୍ରମଣ ବୃଦ୍ଧି ଆଶଙ୍କାରେ କଟକଣା ମଧ୍ୟରେ କେବଳ ବିଧି ରକ୍ଷା ପାଇଁ ଆୟୋଜିତ ହେଉଛି ପୂଜା। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ପରେ ଜିଲା ପ୍ରଶାସନ ପକ୍ଷରୁ ଏ ନେଇ ନିର୍ଦ୍ଦେଶାବଳୀ ଜାରି କରାଯାଇଛି। ମୂର୍ତ୍ତି ଉଚ୍ଚତା ୪ ଫୁଟ୍‌ରେ ସୀମିତ ରଖାଯାଇଥିବାବେଳେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ଆବଦ୍ଧ ମଣ୍ଡପରେ ପୂଜା କରାଯିବାକୁ ଥିବାବେଳେ ପୂଜକଙ୍କ ସମେତ ୭ଜଣଙ୍କୁ ଅନୁମତି ଦିଆଯାଇଛି। ସାଜସଜ୍ଜା କିମ୍ବା ମୂର୍ତ୍ତି ଆକର୍ଷଣୀୟ ହେଲେ ଗହଳି ବଢ଼ିବା ଆଶଙ୍କା ଥିବାରୁ ଏଭଳି କଟକଣା ଲାଗୁ କରାଯାଇଛି। ଅନ୍ୟ ବିକଳ୍ପ ନ ଥିବାରୁ ସରକାରୀ ଗାଇଡ୍‌ଲାଇନ୍ ଅନୁଯାୟୀ ପୂଜା କରିବାକୁ ପ୍ରସ୍ତୁତି ଆରମ୍ଭ କରିଛନ୍ତି ପୂଜା ପ୍ରତିଷ୍ଠାନ।

ଭୁବନରେ ଶାନ୍ତିଶୃଙ୍ଖଳାର ସହ ଗଣେଶ ପୂଜା ଆୟୋଜନ ନେଇ ଗତ ଅଗଷ୍ଟ ୩ରେ ମିଳିତ ଗଣେଶ ପୂଜା କ୍ରିୟାନୁଷ୍ଠାନ କମିଟିର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅଞ୍ଚଳର ୨୨ଟି କ୍ଲବ ମଧ୍ୟରୁ ଚଳିତ ବର୍ଷ ୧୫ଟି ପୂଜା ଆୟୋଜନ କରିବେ। ଅନ୍ୟ ୭ କ୍ଲବ ଏଥିରୁ ଓହରି ଯାଇଛନ୍ତି। ସମ୍ପୂର୍ଣ୍ଣ ନିରାଡ଼ମ୍ବର ପରିବେଶ ମଧ୍ୟରେ ପୂଜା ଅନୁଷ୍ଠିତ ହେବ। ଏଥିଲାଗି ସମସ୍ତ କ୍ଲବ୍ ଖର୍ଚ୍ଚକାଟ ସହ ବଜେଟକୁ ଅଧା କରିଛନ୍ତି। ମଣ୍ଡପରେ ୫ଦିନ ଗଣେଶ ବିରାଜମାନ କରିବେ। ଏହାପରେ ବିସର୍ଜନ ଅନୁଷ୍ଠିତ ହେବ। ହେଲେ ମିଳିତ ଭସାଣି କିମ୍ବା ସାଂସ୍କୃତିକ କାର୍ଯ୍ୟକ୍ରମ ହେବନାହିଁ। ସେହିପରି ଏନ୍‌ଏସି ପକ୍ଷରୁ ମଣ୍ଡପ ନିକଟରେ ମାଟି ପକାଇ ସମତୁଲ କରାଯିବା ସହ ଆବଶ୍ୟକ ଆଲୋକ ବ୍ୟବସ୍ଥା କରାଯିବାକୁ ନିଷ୍ପତ୍ତି ହୋଇଛି। ଜନସାଧାରଣଙ୍କ ଜୀବନ ସୁରକ୍ଷାକୁ ଅଗ୍ରାଧିକାର ଦେଇ ପ୍ରତିଷ୍ଠାନଗୁଡ଼ିକ ପୂଜା ପାଳନ କରିବେ ବୋଲି ସହମତି ପ୍ରକାଶ କରିଛନ୍ତି।



### କଡ଼ାକଡ଼ି କରାଯିବ କଟକଣା



"ଦଶହରା ବଳଦ ଯାତ୍ରା ପରେ ଗଣେଶ ପୂଜା ଭୁବନ ଅଞ୍ଚଳର ପରିଚୟ। ଏହାକୁ ନେଇ ଯୁବବର୍ଗଙ୍କ ମଧ୍ୟରେ ଉତ୍ସାହ ଉଦ୍ଦୀପନା ଦେଖିବାକୁ ମିଳେ। ହେଲେ ଚଳିତବର୍ଷ ସରକାରୀ ନିର୍ଦ୍ଦେଶାବଳୀ ଅନୁଯାୟୀ ନିରାଡମ୍ବର ପୂଜା ହେବ। ଏଥିଲାଗି ସମସ୍ତ ପୂଜାକମିଟି ସହମତି ଜଣାଇଛନ୍ତି। ପ୍ରଶାସନ ପକ୍ଷରୁ କଟକଣା କଡ଼ାକଡ଼ି ପାଳନ କରାଯିବ।

**-ପ୍ରଭାସ କୁମାର ବେଉରିଆ, ତହସିଲଦାର**

### ଗାଇଡ୍‌ଲାଇନ୍‌କୁ ଗୁରୁତ୍ୱ ଦିଆଯିବ



"କରୋନା ସଂକ୍ରମଣ ପାଇଁ ୨ ବର୍ଷ ହେଲା ପୂଜା ଠିକ୍ ଢଙ୍ଗରେ ହୋଇପାରୁନାହିଁ। ଚଳିତବର୍ଷ ସରକାରୀ ଗାଇଡ୍‌ଲାଇନ୍‌କୁ ଅଗ୍ରାଧିକାର ଦେଇ ପୂଜା କରାଯିବ। ଆବଶ୍ୟକ ପଡ଼ିଲେ ପ୍ରଶାସନର ସହାୟତା ନିଆଯିବ।

**-ଦୀପକ ବେହେରା, ସଭାପତି, ମିଳିତ କ୍ରିୟାନୁଷ୍ଠାନ କମିଟି**

### ସାଂସ୍କୃତିକ କାର୍ଯ୍ୟକ୍ରମ ବନ୍ଦ



"ଆବଦ୍ଧ ମଣ୍ଡପରେ ସମ୍ପୂର୍ଣ୍ଣ ନିରାଡମ୍ବର ଭାବେ ୫ ଦିନ ଶ୍ରୀଗଣେଶଙ୍କ ପୂଜା କରାଯିବ। ଜନଗହଳି ଏଡ଼ାଇବାକୁ ସାଂସ୍କୃତିକ କାର୍ଯ୍ୟକ୍ରମ ବନ୍ଦ ରଖାଯାଇଛି। ଏଥିରେ ଜନସାଧାରଣ ସହଯୋଗ କରିବାକୁ ନିବେଦନ କରାଯାଇଛି।

**-ବିନୋଦ କୁମାର ମହାରଣା, ଉପସଭାପତି, ମିଳିତ କ୍ରିୟାନୁଷ୍ଠାନ କମିଟି**

### ଆଗ୍ରହ ଫିକା ପଡ଼ିଯାଇଛି



"ଗତ ୨ ବର୍ଷ ହେଲା ଗଣେଶ ପୂଜାରେ କେବଳ ନୀତିକାନ୍ତି କରାଯାଉଥିଲା। ଚଳିତବର୍ଷ ମହାଆଡମ୍ବରରେ ପୂଜା କରିବା ଲାଗି ନିଷ୍ପତ୍ତି ହୋଇଥିଲା। ହେଲେ ସରକାରୀ କଟକଣା ଏହି ଆଗ୍ରହକୁ ଫିକା କରିଦେଇଛି।

**-ବିଶ୍ୱଜିତ୍ ବାରିକ, ସଭାପତି, ସନ୍ କ୍ଲବ**

### ନିରାଡ଼ମ୍ବରରେ ଆୟୋଜନ



"ସରକାରୀ ଗାଇଡ୍‌ଲାଇନ୍‌କୁ ସମ୍ମାନ ଦେବାକୁ ନିଷ୍ପତ୍ତି ହୋଇଛି। ତଦନୁଯାୟୀ ନିରାଡ଼ମ୍ବର ଭାବେ କେବଳ ବିଧିରକ୍ଷା କରିବାକୁ ପୂଜା କରାଯିବ। ଏକାଠି ଭସାଣି ବଦଳରେ ନିଜ ନିଜ ସୁବିଧା ଅନୁଯାୟୀ ପୂଜା ପ୍ରତିଷ୍ଠାନଗୁଡ଼ିକ ମୂର୍ତ୍ତି ବିସର୍ଜନ କରିବାକୁ ସ୍ଥିର ହୋଇଛି।

**-ସୌମ୍ୟରଞ୍ଜନ ସାହୁ, ସଭାପତି, ନାଇସ୍ କ୍ଲବ**

### ବିଦ୍ୟୁତ୍ ଆଘାତରେ ମହିଳା ମୃତ

**ତାଳଚେର, ୫।୯(ନି.ପ୍ର.)**

ତାଳଚେର ପୌର ପରିଷଦର ୧୮ନଂ. ୱାର୍ଡ ଅନ୍ତର୍ଗତ ଦେଉଳବେଡ଼ା ତେଲିସାହି ଗ୍ରାମରେ ରବିବାର ବିଦ୍ୟୁତ୍ ଆଘାତରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସ୍ୱର୍ଗତ ଉଆଳି ମହାରଣାଙ୍କ ସ୍ତ୍ରୀ ରୋହୀ। ମହିଳା ଜଣକ ପୂର୍ବାହ୍ନରେ ପାଣି ମୋଟର ଚଳାଉଥିବାବେଳେ ବିଦ୍ୟୁତ୍ ଆଘାତର ଶିକାର ହୋଇଥିଲେ। ଗୁରୁତର ଅବସ୍ଥାରେ ହସ୍ପିଟାଲକୁ ନିଆଯାଉଥିବାବେଳେ ରାସ୍ତାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏ ନେଇ କଲିଆରୀ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ଡ୍ରାଇଭର ସଂଘର ଆନ୍ଦୋଳନ ଚେତାବନୀ

**ଛେଣ୍ଡିପଦା, ୫।୯(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକ ଦୁର୍ଗାପୁର ବନ ସୁରକ୍ଷା ସମିତି ସଭାଗୃହରେ ରବିବାର ଦୁର୍ଗାପୁର ପଞ୍ଚାୟତ ଡ୍ରାଇଭର ମହାସଂଘର ସମାବେଶ ଦ୍ୱିଜବର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଜିଲା ଡ୍ରାଇଭର ମହାସଂଘ ସଭାପତି ଲକ୍ଷ୍ମୀଧର କବି, ଉପସଭାପତି ମନୋଜ ସାହୁ, ବ୍ଲକ ସଭାପତି ବସନ୍ତ ସାହୁ, ଉପସଭାପତି ସୁମନ୍ତ ସାହୁ, ସମ୍ପାଦକ ସୁବର୍ଣ୍ଣ ପରିଡ଼ା, କୋଷାଧ୍ୟକ୍ଷ ଶରତ ଚନ୍ଦ୍ର ସାହୁ ଯୋଗଦେଇଥିଲେ। ଡ୍ରାଇଭରଙ୍କ ପରିବାରକୁ ସ୍ୱାସ୍ଥ୍ୟବୀମା, ମାଗଣା ଚିକିତ୍ସା ସୁବିଧା, କୋଭିଡ୍ ଯୋଦ୍ଧା ମାନ୍ୟତା, ଡ୍ରାଇଭର କଲ୍ୟାଣ ପାଣ୍ଠି ଗଠନ କରିବା ଆଦି ୧୦ ଦଫା ଦାବି ଉପରେ ଆଲୋଚନା ହୋଇଥିଲା। ରାଜ୍ୟ ସରକାର ପଦକ୍ଷେପ ନ ନେଲେ ଆନ୍ଦୋଳନ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଆର୍ତ୍ତତ୍ରାଣ ବେହେରା, ଗୌତମ ଖିଲାର, ସଞ୍ଜୟ ସାହୁଙ୍କ ସମେତ ୪ ଶହରୁ ଊର୍ଦ୍ଧ୍ୱ ଡ୍ରାଇଭର ଯୋଗଦେଇଥିଲେ।

# ଆର୍‌ଆଇ ଅଫିସ ଅଧାପନ୍ତରିଆ

**ବଇଣ୍ଡା, ୫।୯(ଡି.ଏନ୍.ଏ.)**



- ଭଡ଼ାଘରେ ଚାଲିଛି କାର୍ଯ୍ୟାଳୟ
- ଜାନୁୟାରୀରୁ ବନ୍ଦ ରହିଛି କାମ
- ବିଲ୍ ପ୍ରଦାନରେ ବିଳମ୍ବ ଅଭିଯୋଗ

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡାରେ ନିର୍ମାଣାଧୀନ ରାଜସ୍ୱ ନିରୀକ୍ଷକ (ଆର୍‌ଆଇ)ଙ୍କ କାର୍ଯ୍ୟାଳୟ ପୂର୍ଣ୍ଣାଙ୍ଗ ରୂପ ନେଇପାରୁନି। ବିଲ୍ ପ୍ରଦାନରେ ବିଳମ୍ବ ହେଉଥିବାରୁ ଜାନୁୟାରୀରୁ କାମ ବନ୍ଦ ରହିଛି। ଭଡ଼ା ଘରେ ଅଫିସ୍ କାର୍ଯ୍ୟ ଚାଲିଥିବା ବେଳେ ନୂତନ କାର୍ଯ୍ୟାଳୟ କାମ ଶୀଘ୍ର ସାରିବାକୁ ଦାବି କରିଛନ୍ତି ଗ୍ରାମବାସୀ। ଏ ନେଇ ସେମାନେ ଶନିବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ଅଭିଯୋଗ କରିଛନ୍ତି।

ଗ୍ରାମବାସୀଙ୍କ କହିବା କଥା, ୫୫ ନମ୍ବର ଜାତୀୟ ରାଜପଥ ସମ୍ପ୍ରସାରଣ ବେଳେ ୨୦୧୮ ମେ ୧୭ରେ ବଇଣ୍ଡା ରାଜସ୍ୱ କାର୍ଯ୍ୟାଳୟ ଭଙ୍ଗାଯାଇଥିଲା। ଏବେ ଅଫିସ୍ କାର୍ଯ୍ୟ ନେହେରୁ ଆଥଲେଟିକ୍ ଆସୋସିଏଶନର କ୍ଲବ ଘରେ ପରିଚାଳିତ ହେଉଛି। ଅନ୍ୟପଟେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୨୭ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନୂତନ ଆର୍‌ଆଇ କାର୍ଯ୍ୟାଳୟ ନିର୍ମାଣ କରାଯାଉଛି। ୨୦୨୦ ଜୁନ୍‌ରୁ କୋଠା ତିଆରି ଆରମ୍ଭ ହୋଇଥିବାବେଳେ ବର୍ଷେ ପରେ ବି ସମ୍ପୂର୍ଣ୍ଣ ହୋଇପାରୁନାହିଁ। ଗତ ଜାନୁୟାରୀରୁ କାମ ବନ୍ଦ ରହିଛି। ଦାୟିତ୍ୱ ନେଇଥିବା ଠିକାସଂସ୍ଥା କାମ କରୁ ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଠିକାସଂସ୍ଥାକୁ ବିଲ୍ ପ୍ରଦାନରେ ବିଳମ୍ବ ଯୋଗୁ କାର୍ଯ୍ୟାଳୟ କାମ ଶେଷ ହୋଇ ପାରୁ ନ ଥିବା ଗ୍ରାମବାସୀ କହିଛନ୍ତି। ଏଥିପ୍ରତି ଜିଲାପାଳ ଦୃଷ୍ଟି ଦେବାକୁ ସେମାନେ ଦାବି କରିଛନ୍ତି।

ଅପରପକ୍ଷେ ଠିକାସଂସ୍ଥାକୁ ବିଲ୍ ପ୍ରଦାନ ଲାଗି ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ତହସିଲଦାର ଶାନ୍ତିସ୍ୱରୂପ ମିଶ୍ର କହିଛନ୍ତି।

### ୧୦୭ ୟୁନିଟ୍ ରକ୍ତ ସଂଗୃହୀତ

**ଛେଣ୍ଡିପଦା,୫।୯(ସ୍ୱ.ପ୍ର)**

ଛେଣ୍ଡିପଦା ସରସ୍ୱତୀ ଶିଶୁମନ୍ଦିର ପରିସରରେ ରବିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲା ରକ୍ତଭଣ୍ଡାର ଭାରପ୍ରାପ୍ତ ଅଧିକାରୀ ସତ୍ୟବ୍ରତ ପାଟଯୋଶୀ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଛେଣ୍ଡପଦା ଓକିଲ ସଂଘ ସଭାପତି ନଗେନ ନନ୍ଦ, ସମ୍ପାଦକ ଗୋପବନ୍ଧୁ ସାହୁ, ଛେଣ୍ଡିପଦା ଶିଶୁ ମନ୍ଦିର ସଭାପତି ବିଜୟ କୁମାର ଗଡ଼ନାୟକ, ଉପସଭାପତି ଚନ୍ଦ୍ରମଣି ପ୍ରଧାନ, ସମ୍ପାଦକ ଦୀପକ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ୧୦୭ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ପ୍ରଧାନ ଆଚାର୍ଯ୍ୟ ବସନ୍ତ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିବା ବେଳେ ଅନୁଷ୍ଠାନର ଗୁରୁଜୀ ଓ ଗୁରୁମା ଏଥିରେ ସହଯୋଗ କରିଥିଲେ।

# ଫେରିବାଲାଙ୍କୁ ଭୁଜାଲି ଚୋଟ

**ଛେଣ୍ଡିପଦା, ୫।୯(ସ୍ୱ.ପ୍ର.)**

**୨ ଦୁର୍ବୃତ୍ତ ଛଡ଼ାଇନେଲେ ୧୫୦୦ ଟଙ୍କା**

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା କମ୍ପସଲା ପଞ୍ଚାୟତର କଇଁଛପଦା ଗ୍ରାମ ନିକଟରେ ଜଣେ ଫେରିବାଲାଙ୍କ ଉପରେ ମରଣାନ୍ତକ ଆକ୍ରମଣ ହୋଇଛି। ଆକ୍ରମଣର ଶିକାର ହୋଇଛନ୍ତି ପଶ୍ଚିମବଙ୍ଗ ରାଜ୍ୟ ପୂର୍ବ ମେଦିନାପୁର ଥାନା ଅନ୍ତର୍ଗତ ଭଗବାନପୁର ଗ୍ରାମର ମୋତିଲାଲ ଜେନା। ଦୁର୍ବୃତ୍ତମାନେ ଭୁଜାଲିରେ ହାଣି ତାଙ୍କଠାରୁ ଟଙ୍କା ଲୁଟ୍ କରି ନେଇଯାଇଛନ୍ତି।

ଅଭିଯୋଗ ଅନୁଯାୟୀ, ମୋତିଲାଲ ଦୀର୍ଘ ୨୨ ବର୍ଷ ହେଲା ଛେଣ୍ଡିପଦା ଥାନା କୋଶଳାରେ ରହି ଗାଁ ଗାଁ ବୁଲି ଶଙ୍ଖାଚୁଡ଼ି ବ୍ୟବସାୟ କରୁଛନ୍ତି। ରବିବାର କମ୍ପସଲା ପଞ୍ଚାୟତ ପରା ଗ୍ରାମରୁ ବ୍ୟବସାୟ ସାରି ଘରକୁ ଫେରୁଥିଲେ। କଇଁଛପଦା ଗାଁ ନିକଟରେ ଏକ ଗଛତଳେ ବାଇକ୍ ରଖି ଖାଉଥିବାବେଳେ ସମ୍ପୃକ୍ତ ୨ ଅଭିଯୁକ୍ତ ଏକ ମୋଟର ସାଇକେଲରେ ଆସି ଅତର୍କିତ ଭାବେ ଭୁଜାଲିରେ ଆକ୍ରମଣ କରିବା ସହ ୧୫୦୦ ଟଙ୍କା ଛଡ଼ାଇ ନେଇ ଫେରାର ହୋଇଯାଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ଗଛ ତଳେ ପଡ଼ିଥିବାବେଳେ କେତେଜଣ ବ୍ୟକ୍ତି ତାଙ୍କୁ ଉଦ୍ଧାର କରି ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ମୋତିଲାଲଙ୍କ ବାମ ହାତରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସୂଚନା ପାଇ ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି। ଖବର ଲେଖାଯିବା ସୁଦ୍ଧା ଅଭିଯୁକ୍ତ ଧରାପଡ଼ି ନ ଥିବା ଥାନା ସୂତ୍ରରୁ ଜଣାପଡ଼ିଛି।

# କ୍ରିଏଟିଭ୍ ଫଟୋ ପ୍ରତିଯୋଗିତା




ଜଣେ ଫଟୋଗ୍ରାଫରଙ୍କୁ ପୁରସ୍କୃତ କରାଯାଉଛି।

**ଅନୁଗୋଳ ଅଫିସ, ୫।୯**

ଅନୁଗୋଳ ସହରରେ ଥିବା ଇକୋ ପାର୍କଠାରେ ରବିବାର କ୍ରିଏଟିଭ୍ ଫଟୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲାର ବିଭିନ୍ନ ସ୍ଥାନରୁ ଫଟୋଗ୍ରାଫର ଅଂଶଗ୍ରହଣ କରିଥିଲେ। ବିଚାରକ ଭାବେ ସିନେ ଫଟୋଗ୍ରାଫର ଜୟକୃଷ୍ଣ ପାତ୍ର, ବରିଷ୍ଠ ଫଟୋଗ୍ରାଫର ବିମଳ, ବରିଷ୍ଠ ଚିତ୍ରଶିଳ୍ପୀ ପ୍ରହଲ୍ଲାଦ ବେହେରା ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଆର. ବେହେରା ପ୍ରଥମ, ନୀଳମଣି ବେହେରା ଦ୍ୱିତୀୟ ଏବଂ ଅମିୟ କୁମାର ଜେନା ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଅମ୍ବିକା ପ୍ରସାଦ ଦାସ, ଅନନ୍ତ ନାୟକ, ମନୋଜ ପାଲ, ଚହଲ ସାହୁ ସହଯୋଗ କରିଥିଲେ। କରୋନାରେ ମୃତ ଦୁଇ ଫଟୋଗ୍ରାଫର ସୋଲେନ୍ ସାହୁ ଓ ରାମଚରଣ ବେହେରାଙ୍କ ଉଦ୍ଦେଶ୍ୟରେ ଉକ୍ତ କାର୍ଯ୍ୟକ୍ରମ ଉତ୍ସର୍ଗ କରାଯାଇଥିଲା।

# ସମସ୍ୟା ସମାଧାନ ଦାବି

**ଢେଙ୍କାନାଳ ଅଫିସ, ୫।୯**

ଢେଙ୍କାନାଳ ସହର ଦଧିବାମନ ମଠ ପରିସରରେ ଜନସୁରକ୍ଷା ପରିଷଦର ସାଧାରଣ ବୈଠକ ସଭାପତି ବିନାୟକ ପ୍ରସାଦ ଶତପଥୀଙ୍କ ସଭାପତିତ୍ୱରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଢେଙ୍କାନାଳରେ ମେଡିକାଲ କଲେଜ ସ୍ଥାପନ, ସହରରେ ଶତ ପ୍ରତିଶତ ଆଲୋକୀକରଣ, ଆବଶ୍ୟକ ଡାକ୍ତର ନିଯୁକ୍ତି, ସରକାରୀ ଜମିର ସଦୁପଯୋଗ, ଗରିବ ପରିବାରକୁ ଘରଡ଼ିହ ଯୋଗାଇ ଦେବା ଆଦି ଦାବିରେ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିବାକୁ ନିଷ୍ପତ୍ତି ହୋଇଛି। ସାଧାରଣ ସମ୍ପାଦକ ବାହାଦୁର ପାଟସାହାଣି, ମୁଖ୍ୟ ଉପଦେଷ୍ଟା ଆଡ୍‌ଭୋକେଟ ମନୋରଞ୍ଜନ ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ପ୍ରଫେସର ତାରାପ୍ରସନ୍ନ ଶତପଥୀ, କମଳ ମିଶ୍ର, ସମାଜବାଦୀ ନେତା ସରୋଜ ଶତପଥୀ, ଫକୀର ମୋହନ ସାହୁ, ଶାନ୍ତିଲତା ମିଶ୍ର, ସରିତା ପାଟସାହାଣୀ, ନଜରୁଲ ଇସଲାମ୍, ଈଶ୍ୱର ଚନ୍ଦ୍ର ମୁଦୁଲି, ଶ୍ରୀବତ୍ସ ଚରଣ ଜେନା, ଅମ୍ବିକା ପ୍ରସାଦ ବରାଳ, ସୁରଜିତ ପାଣି, ଲକ୍ଷ୍ମୀଧର ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

### 'ନିର୍ବାଚନ ପାଇଁ ପ୍ରସ୍ତୁତ ହୁଅ'

**ପରଜଙ୍ଗ, ୫।୯(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ନିର୍ବାଚନମଣ୍ଡଳୀର ବିଜେଡି କାର୍ଯ୍ୟକର୍ତ୍ତାଙ୍କୁ ନେଇ ରବିବାର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଯୁବ ବିଜେଡି ସଭାପତି ସୁବ୍ରତ କୁମାର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଆଗାମୀ ଦିନରେ ହେବାକୁ ଥିବା ପଞ୍ଚାୟତ ନିର୍ବାଚନ ଉପରେ ଆଲୋଚନା କରାଯାଇଥିଲା। ଯୋଗ୍ୟ ପ୍ରାର୍ଥୀଙ୍କୁ ଚୟନ, ବୁଝାମଣା ମାଧ୍ୟମରେ ସଙ୍ଗଠନକୁ ସୁଦୃଢ଼ କରିବା, ରାଜ୍ୟ ସରକାରଙ୍କ ଜନହିତକର ଯୋଜନା ବିଷୟରେ ଜନସାଧାରଣଙ୍କୁ ଅବଗତ କରାଇ ଭୋଟରଙ୍କ ନିକଟତର ହେବାକୁ ନିଷ୍ପତ୍ତି ହୋଇଛି। ନିର୍ବାଚନ ପାଇଁ ମାନସିକସ୍ତରରେ ପ୍ରସ୍ତୁତ ରହିବାକୁ କର୍ମୀଙ୍କୁ ପରାମର୍ଶ ଦିଆଯାଇଛି। ବିଧାୟକ ଡା. ନୃସିଂହ ଚରଣ ସାହୁ, ରାଜ୍ୟ ବିଜେଡି ସାଙ୍ଗଠନିକ ସମ୍ପାଦକ ତଥା ବିଧାୟକ ପ୍ରଣବ ପ୍ରକାଶ ଦାସ, ଜିଲା ପର୍ଯ୍ୟବେକ୍ଷକ ବିଜୟ କୁମାର ନାୟକ, ଯୁବ ବିଜେଡି ସଭାପତି ଧର୍ମାନନ୍ଦ ପରିଡ଼ାଙ୍କ ପରାମର୍ଶ କ୍ରମେ ବିଭିନ୍ନ ସ୍ଥାନରେ ବୈଠକ ଅନୁଷ୍ଠିତ ହେଉଛି। ଏଥିରେ ସକ୍ରିୟ ଭାବେ ଭାଗନେବାକୁ ଦଳୀୟ କର୍ମୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଯୁବନେତା ଅସିତ୍ କୁମାର ରାୟଚୌଧୁରୀ, ବ୍ଲକ ଅଧ୍ୟକ୍ଷ ଅକ୍ଷୟ ବେହେରା, ବ୍ଲକ ଛାତ୍ର ବିଜେଡି ସଭାପତି ପ୍ରିୟଜିତ୍ ସାମଲ, ବ୍ଲକ ବିଜେଡି ସଭାପତି କୃଷ୍ଣଚନ୍ଦ୍ର ମହାନ୍ତି, ଜିଲା ସାଧାରଣ ସମ୍ପାଦକ ପ୍ରଦୀପ ବେହେରା, ଜିଲା ସମ୍ପାଦକ ପ୍ରେମାନନ୍ଦ ସାହୁ, ଆଇଟି ସଂଯୋଜକ ତରଣୀସେନ ରାଉତ ପ୍ରମୁଖ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# 'ୱାର୍ଡସ୍ତରରୁ ସଙ୍ଗଠନ ସୁଦୃଢ଼ କର'



ବୈଠକରେ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ ସମେତ ବିଜେଡିର ନେତୃବୃନ୍ଦ।

**ଢେଙ୍କାନାଳ ଅଫିସ, ୫।୯**

**ମହିଳା ବିଜେଡି ପରିବର୍ଦ୍ଧିତ କାର୍ଯ୍ୟକାରିଣୀ**

ଢେଙ୍କାନାଳ ଜିଲା ମହିଳା ବିଜେଡିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ରବିବାର ପୁରୁଣା ଜିଲା ପରିଷଦ ହଲ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲା ସଭାପତି ତଥା ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଯୋଗଦେଇ କହିଲେ, ପଞ୍ଚାୟତ ନିର୍ବାଚନରେ ଭଲ ପ୍ରଦର୍ଶନ କରିବାକୁ ହେଲେ ୱାର୍ଡସ୍ତରରୁ ସଙ୍ଗଠନ ସୁଦୃଢ଼ କରିବାକୁ ପଡ଼ିବ। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଇଥିବା ସମସ୍ତ ଜନହିତକର ଯୋଜନା ଲୋକଙ୍କ ନିକଟରେ ପହଞ୍ଚାଇବା ଲାଗି ପ୍ରୟାସ ଜାରି ରଖିବାକୁ ସେ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ମହିଳା ବିଜେଡି ରାଜ୍ୟ ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ କହିଲେ, ସାହିତ୍ୟ, ସଂସ୍କୃତିରେ ଢେଙ୍କାନାଳ ଅଗ୍ରଣୀ ଜିଲା। ଜିଲାରେ ଦଳର ସଙ୍ଗଠନ ସୁଦୃଢ଼ ରହିଛି। ଆଦର୍ଶ ମୁଖ୍ୟମନ୍ତ୍ରୀ ଭାବେ ନବୀନ ପଟ୍ଟନାୟକ ଓଡ଼ିଶାକୁ ଗର୍ବିତ କରିଛନ୍ତି। ମହିଳାଙ୍କୁ ସବୁକ୍ଷେତ୍ରରେ ଗୁରୁତ୍ୱ ଦିଆଯାଉଛି। ୮ ଲକ୍ଷ ଏସ୍‌ଏଚ୍‌ଜି ଗ୍ରୁପ୍ ସୃଷ୍ଟି କରାଯାଇ ସେମାନଙ୍କ ସାମାଜିକ, ଅର୍ଥନୈତିକ କ୍ଷେତ୍ର ସୁଦୃଢ଼ କରାଯାଇଛି। ପଞ୍ଚାୟତ ନିର୍ବାଚନ ପୂର୍ବରୁ ପ୍ରତି ପଞ୍ଚାୟତରେ ୧୦ଜଣିଆ ଟିମ୍ ଗଠନ କରାଯିବ। ପ୍ରତି ୱାର୍ଡରେ ମହିଳା ସଭାନେତ୍ରୀ, ଉପସଭାନେତ୍ରୀ, ସମ୍ପାଦିକା, ଆଇଟି କୋଅର୍ଡିନେଟର ରଖାଯିବ ବୋଲି ସେ ସୂଚନା ଦେଇଥିଲେ। ପରଜଙ୍ଗ ବିଧାୟକ ଡା. ନୃସିଂହ ଚରଣ ସାହୁ ସୋସିଆଲ ମିଡିଆ ମାଧ୍ୟମରେ ଦଳୀୟ କାର୍ଯ୍ୟକ୍ରମର ପ୍ରଚାର, ପ୍ରସାର କରିବାକୁ ଆହ୍ୱାନ ଦେଇଥିଲେ। ବିଧାୟକ ସୁଧୀର କୁମାର ସାମଲ ଓ ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ତୃଣମୂଳସ୍ତରରୁ ସଙ୍ଗଠନକୁ ସୁଦୃଢ଼ କରିବାକୁ ଗୁରୁତ୍ୱ ଦେଇଥିଲେ। ଶୃଙ୍ଖଳିତ ହେଲେ ସଙ୍ଗଠନ ବଢ଼ିବ ବୋଲି ଜିଲା ପର୍ଯ୍ୟବେକ୍ଷକ ବିଜୟ କୁମାର ନାୟକ ମତବ୍ୟକ୍ତ କରିଥିଲେ।

ଜିଲା ମହିଳା ବିଜେଡି ସଭାନେତ୍ରୀ ସାଗରିକା ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ରୁବି ବିଶ୍ୱାଳ, ସାଇଶ୍ରୀ ପଟ୍ଟନାୟକ, ନମିତା ନାୟକ, ମାନସ ସୁନ୍ଦରାୟ, ରଞ୍ଜୁଲତା ରାୟ, ତିଳୋତ୍ତମା ଚୌଧୁରୀ, ଶୁଭଦର୍ଶିନୀ ପରିଡା, ଜିଲା ପରିଷଦ ଅଧ୍ୟକ୍ଷା ମିନତି ନାୟକ, ହିନ୍ଦୋଳ ଏନ୍‌ଏସି ଅଧ୍ୟକ୍ଷା ରୀନା ବେହେରା, କଙ୍କଡ଼ାହାଡ଼ ବ୍ଲକ ଉପାଧ୍ୟକ୍ଷା ଲକ୍ଷ୍ମୀ ମହନ୍ତ, ଓଡ଼ାପଡ଼ା ବ୍ଲକ ଅଧ୍ୟକ୍ଷା ସସ୍ମିତା ମହାନ୍ତି, ଛାତ୍ର ବିଜେଡି ସଭାପତି ସୁରଜ ମହାପାତ୍ର, ଯୁବ ବିଜେଡି ସଭାପତି ଧର୍ମାନନ୍ଦ ପରିଡ଼ା ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ପରଜଙ୍ଗ ବ୍ଲକ ଉପାଧ୍ୟକ୍ଷା ବିଳାସିନୀ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

